# ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଙ୍କ କାର୍ଯ୍ୟାଳୟ, ଭଦ୍ରକ

ବିଜ୍ଞାପିତ ସଂଖ୍ୟା : ୨୭୪/ସା:ଓ          ତାରିଖ : ୨୬-୦୨-୨୦୨୬

[ଫର୍ମ-XXII]

[ନିୟମ ୨-କ ର ଉପ-ନିୟମ (୫) ଦ୍ରଷ୍ଟବ୍ୟ]

ଧୂଷୁରୀ ବିଜ୍ଞପିତ ଅଞ୍ଚଳ ପରିଷଦର ୱାର୍ଡ ବିଭାଜନ ଏବଂ ଆସନ ସଂରକ୍ଷଣ ଦର୍ଶାଉଥିବା ଅସ୍ଥାୟୀ ଅଧିସୂଚନା

## ଅଧିସୂଚନା

ଯେହେତୁ, ଓଡ଼ିଶା ପୌରପାଳିକା (ୱାର୍ଡଗୁଡ଼ିକର ସୀମା ନିର୍ଦ୍ଧାରଣ, ଆସନ ସଂରକ୍ଷଣ ଏବଂ ନିର୍ବାଚନ ପରିଚାଳନା) ନିୟମାବଳୀ, ୧୯୯୪ର **ଫର୍ମ-XXI**ରେ ପ୍ରକାଶିତ ଚିଠା ବିଜ୍ଞପ୍ତି ସଂଖ୍ୟା ୧୭୦/G&M, ତାରିଖ ୧୨-୦୨-୨୦୨୬ ଅନୁଯାୟୀ, **ଧୂଷୁରୀ ବିଜ୍ଞପିତ ଅଞ୍ଚଳ ପରିଷଦ (NAC)**ର ଅଞ୍ଚଳକୁ ୱାର୍ଡରେ ବିଭକ୍ତ କରିବା ଏବଂ ସେଥିପାଇଁ ଆସନ ସଂରକ୍ଷଣ ସମ୍ବନ୍ଧରେ ସମସ୍ତ ଆଗ୍ରହୀ ବ୍ୟକ୍ତିଙ୍କ ଠାରୁ ୧୦ ଦିନ ମଧ୍ୟରେ ଆପତ୍ତି ଓ ପରାମର୍ଶ ଆହ୍ୱାନ କରାଯାଇଥିଲା;

**ଏବଂ, ଯେହେତୁ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଆପତ୍ତି କିମ୍ବା ପରାମର୍ଶ ହସ୍ତଗତ ହୋଇନାହିଁ;**

ତେଣୁ, ବର୍ତ୍ତମାନ ଓଡ଼ିଶା ପୌର ଅଧିନିୟମ, ୧୯୫୦ (ଓଡ଼ିଶା ଅଧିନିୟମ ୨୩, ୧୯୫୦) ର ଧାରା ୧୨ ର ଉପ-ଧାରା (୩) ଅନୁଯାୟୀ ପ୍ରଦତ୍ତ କ୍ଷମତାର ପ୍ରୟୋଗ କରି, **ଜିଲ୍ଲା ମାଜିଷ୍ଟ୍ରେଟ୍, ଭଦ୍ରକ** ଏତଦ୍ୱାରା ଉକ୍ତ ବିଜ୍ଞପିତ ଅଞ୍ଚଳ ପରିଷଦକୁ **୧୪** (ଚଉଦ) ଟି ୱାର୍ଡରେ ବିଭକ୍ତ କରୁଛନ୍ତି, ଯାହା ନିମ୍ନରେ ପ୍ରଦତ୍ତ **ବିବରଣୀ-୧** ର ସ୍ତମ୍ଭ (୨) ରେ ନିର୍ଦ୍ଦିଷ୍ଟ କରାଯାଇଛି ଏବଂ ସେହି ୱାର୍ଡଗୁଡ଼ିକର ବିବରଣୀ ଓ ସୀମା ନିର୍ଦ୍ଧାରଣ ଯଥାକ୍ରମେ ସ୍ତମ୍ଭ (୩) ଏବଂ (୪) ରେ ଦର୍ଶାଯାଇଛି | ଏଥିସହ ଆଗାମୀ କାଉନସିଲର ନିର୍ବାଚନ ନିମନ୍ତେ ଉକ୍ତ ଅଧିନିୟମର ଧାରା ୧୧ ଅନୁଯାୟୀ ସଂରକ୍ଷିତ ରହିବାକୁ ଥିବା ଆସନଗୁଡ଼ିକୁ **ବିବରଣୀ-୨**ର ସ୍ତମ୍ଭ (୨) ରେ ନିର୍ଦ୍ଦିଷ୍ଟ କରାଯାଇ ସ୍ତମ୍ଭ (୩) ଅନୁଯାୟୀ ଧାର୍ଯ୍ୟ କରାଯାଇଛି |

ନିୟମ ୨-କ ର ଉପ-ନିୟମ (୪) ଅନୁଯାୟୀ ଜିଲ୍ଲା ମାଜିଷ୍ଟ୍ରେଟ୍ଙ୍କ ଦ୍ୱାରା ପ୍ରଦତ୍ତ ଏହି ଆଦେଶରେ କୌଣସି ବ୍ୟକ୍ତି ଅସନ୍ତୁଷ୍ଟ ଥିଲେ, ସେ ଧାରା ୧୨ ର ଉପ-ଧାରା (୩) ର ଦ୍ୱିତୀୟ ପ୍ରାବଧାନ ଅନୁଯାୟୀ ରାଜ୍ୟ ସରକାରଙ୍କ ନିକଟରେ ଅପିଲ୍ କରିପାରିବେ |

ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ଭଦ୍ରକ ୨୦/୨/୨୬

## ବିବରଣୀ-୧ (ୱାର୍ଡ ସୀମା ବିବରଣୀ)

| କ୍ର. ନଂ | ୱାର୍ଡନଂ | ୱାର୍ଡରବିବରଣୀ (ଆରମ୍ଭଓଶେଷ) | ଚାରିପାଖସୀମା (ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ) |
|---|---|---|---|
| ୧ | ୧ | ବାଙ୍କ ସାହିରୁ ଆରମ୍ଭ କରି ମୁନା ମଣ୍ଡଳଙ୍କ ଘର ପର୍ଯ୍ୟନ୍ତ | ପୂ: ବାମକୁରା ପଛାଲୋ RD ରୋଡ୍, ପ: ରେବା ନଦୀ, ଉ: ଫତେପୁର RD ରୋଡ୍, ଦ: ପାଣିସାହି (ୱାର୍ଡ-୨) |
| ୨ | ୨ | ସୁକ ସ୍ୱାଇଁଙ୍କ ଘରୁ ଆରମ୍ଭ କରି ଜେନାସାହି ପର୍ଯ୍ୟନ୍ତ | ପୂ: ଗେଙ୍ଗୁଟି ନଦୀ, ପ: ଭଦ୍ରକ- ଆରଡ଼ି ଷ୍ଟେଟ୍ ହାଇୱେ, ଉ: ବାଙ୍କସାହି ଫତେପୁର RD ରୋଡ୍, ଦ: ଗେଙ୍ଗୁଟିନଦୀ (ୱାର୍ଡ-୧) |
| ୩ | ୩ | ସୁକ ଜେନାଙ୍କ ଘରୁ ଆରମ୍ଭ କରି ଯୁଧିଷ୍ଠିର ବେହେରାଙ୍କ ଘର ପର୍ଯ୍ୟନ୍ତ | ପୂ: ଭଦ୍ରକ- ଆରଡ଼ି ଷ୍ଟେଟ୍ ହାଇୱେ, ପ: ବ୍ରାହ୍ମଣୀପାଳ RD ରୋଡ୍, ଉ: ଭଦ୍ରକ- ଆରଡ଼ି ଷ୍ଟେଟ୍ ହାଇୱେ, ଦ: ବି.ବି. ହାଇସ୍କୁଲ |
| ୪ | ୪ | ଅକ୍ଷୟ ଦାସଙ୍କ ଘରୁ ଆରମ୍ଭ କରି ଅମରକଳ୍ପତରୁ ପତିଙ୍କ ଘର ପର୍ଯ୍ୟନ୍ତ | ପୂ: ନଦୀଗାଁ RD ରୋଡ୍, ପ: କାଣ୍ଡିଆ ନଦୀ, ଉ: ବି.ବି. ହାଇସ୍କୁଲ, ଦ: ନଦୀଗାଁ RD ରୋଡ୍ |
| ୫ | ୫ | ବ୍ରଜ ପତିଙ୍କ ଘରୁ ଆରମ୍ଭ କରି ଶବରସାହି ପର୍ଯ୍ୟନ୍ତ | ପୂ: ମାଟିଗାଡ଼ିଆନାଳ, ପ: ଡାକସାହି (ୱାର୍ଡ-୪), ଉ: ନଦୀଗାଁ RD ରୋଡ୍, ଦ: ଓଲଟପୁର RD ରୋଡ୍ |
| ୬ | ୬ | ଯୁଧିଷ୍ଠିର ନାୟକଙ୍କ ଘରୁ ଆରମ୍ଭ କରି ଭରତଙ୍କ ଘର ପର୍ଯ୍ୟନ୍ତ | ପୂ: ଓଲଟପୁର, ପ: ସାହାଜୀପାଟଣା, ଉ: ନଦୀଗାଁ RD ରୋଡ୍, ଦ: ପାଙ୍ଗଟା RD ରୋଡ୍ |
| ୭ | ୭ | ସେଠୀ ସାହିରୁ ଆରମ୍ଭ କରି ବ୍ରଜବଲ୍ଲଭ ସ୍ୱାଇଁଙ୍କ ଘର ପର୍ଯ୍ୟନ୍ତ | ପୂ: କାଣ୍ଡିଆ ନଦୀ, ପ: କାଣ୍ଡିଆ ନଦୀ, ଉ: କାଣ୍ଡିଆ ନଦୀ, ଦ: ଓଲଟପୁର RD ରୋଡ୍ |
| ୮ | ୮ | ଶିବ ବିଶ୍ୱାଳଙ୍କ ଘରୁ ଆରମ୍ଭ କରି ପତ୍ରୀସାହି ବ୍ରିଜ ପର୍ଯ୍ୟନ୍ତ | ପୂ: ଭଣ୍ଡାରୀପଦା, ପ: ଭଦ୍ରକ- ଆରଡ଼ି ଷ୍ଟେଟ୍ ହାଇୱେ, ଉ: ଗେଙ୍ଗୁଟିନଦୀ/ବମକୁରା RD ରୋଡ୍, ଦ:ସରକାରୀ ହାଇସ୍କୁଲ, ଧୂଷୁରୀ |
| ୯ | ୯ | ଆଲୋକ ବିଶ୍ୱାଳଙ୍କ ଘରୁ ଆରମ୍ଭ କରି ପ୍ରାଣବନ୍ଧୁ ପରିଡ଼ାଙ୍କ ଘର ପର୍ଯ୍ୟନ୍ତ | ପୂ: ପାଣିସାହି (ୱାର୍ଡ-୧୧), ପ: ନରସିଂହପୁର (ୱାର୍ଡ-୮), ଉ: ବମକୁରା RD ରୋଡ୍, ଦ: ଧୂଷୁରାସୁଣୀ (ୱାର୍ଡ-୧୨) |
| ୧୦ | ୧୦ | କିଶୋର ପଣ୍ଡାଙ୍କ ଘରୁ ଆରମ୍ଭ କରି ରଞ୍ଜିତ ଖଣ୍ଡାଇଙ୍କ ଘର ପର୍ଯ୍ୟନ୍ତ | ପୂ: ପାଣିସାହି (ୱାର୍ଡ-୧୧), ପ: ଧୂଷୁରାସୁଣୀ(ୱାର୍ଡ-୧୨), ଉ: ଭଣ୍ଡାରୀପଦା (ୱାର୍ଡ-୯), ଦ: ପାଣିସାହି (ୱାର୍ଡ-୧୧) |
| ୧୧ | ୧୧ | ନିତ୍ୟାନନ୍ଦ ନାୟକଙ୍କ ଘରୁ ଆରମ୍ଭ କରି ପରମା ଦୁବାଇଙ୍କ ଘର ପର୍ଯ୍ୟନ୍ତ | ପୂ: ଖାଡିମାରା RD ରୋଡ୍, ପ: ଅଷ୍ଟଶମ୍ଭୁ (ପଣ୍ଡାସାହି-ୱାର୍ଡ-୧୦), ଉ: ଅଷ୍ଟଶମ୍ଭୁ (ୱାର୍ଡ-୧୦), ଦ: ଖାଡିମାରା RD ରୋଡ୍ |
| ୧୨ | ୧୨ | ରବୀନ୍ଦ୍ର ଦୁବାଇଙ୍କ ଘରୁ ଆରମ୍ଭ କରି ସୁବାଷ ଦାସଙ୍କ ଘର ପର୍ଯ୍ୟନ୍ତ | ପୂ: ଅଷ୍ଟଶମ୍ଭୁ (ୱାର୍ଡ-୧୦), ପ: ସରକାରୀ ହାଇସ୍କୁଲ, ଧୂଷୁରୀ, ଉ: ନରସିଂହପୁର (ୱାର୍ଡ-୮), ଦ: ଭଦ୍ରକ- ଆରଡ଼ି ଷ୍ଟେଟ୍ ହାଇୱେ |
| ୧୩ | ୧୩ | ବିଶ୍ୱନାଥ ବାରିକଙ୍କ ଘରୁ ଆରମ୍ଭ କରି ଜିତେନ୍ଦ୍ର ଗୋସ୍ୱାମୀଙ୍କ ଘର ପର୍ଯ୍ୟନ୍ତ | ପୂ: ଶରତ ନଦୀ, ପ: ଶରତ ନଦୀ, ଉ: ଶରତ ନଦୀ, ଦ: ଉଗ୍ରତାରା ନଦୀ |
| ୧୪ | ୧୪ | ବୃନ୍ଦାବନ ବାରିକଙ୍କ ଘରୁ ଆରମ୍ଭ କରି ତଳନୂଆସାହି ପର୍ଯ୍ୟନ୍ତ | ପୂ: ଉଗ୍ରତାରା ନଦୀ, ପ: ଭଦ୍ରକ-ଆରଡ଼ି ଷ୍ଟେଟ୍ ହାଇୱେ, ଉ: ଶରତ ନଦୀ, ଦ: କୋଚିଳା ନଦୀ |

ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ଭଦ୍ରକ ୭୮/୨/୨୨

# ବିବରଣୀ-୨ (ଆସନ ସଂରକ୍ଷଣ)

| କ୍ର. ନଂ | ୱାର୍ଡ ନଂ | ସଂରକ୍ଷଣ ସ୍ଥିତି |
|---|---|---|
| ୧ | ୧ | ମହିଳା |
| ୨ | ୨ | ଅନୁସୂଚିତ ଜାତି (ମହିଳା) |
| ୩ | ୩ | ମହିଳା |
| ୪ | ୪ | ମହିଳା |
| ୫ | ୫ | ଅନୁସୂଚିତଜନ ଜାତି (ମହିଳା) |
| ୬ | ୬ | ଅଣ-ସଂରକ୍ଷିତ |
| ୭ | ୭ | ଅଣ-ସଂରକ୍ଷିତ |
| ୮ | ୮ | ଅଣ-ସଂରକ୍ଷିତ |
| ୯ | ୯ | ଅଣ-ସଂରକ୍ଷିତ |
| ୧୦ | ୧୦ | ଅଣ-ସଂରକ୍ଷିତ |
| ୧୧ | ୧୧ | ଅଣ-ସଂରକ୍ଷିତ |
| ୧୨ | ୧୨ | ମହିଳା |
| ୧୩ | ୧୩ | ମହିଳା |
| ୧୪ | ୧୪ | ଅନୁସୂଚିତ ଜାତି |

ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ଭଦ୍ରକ

ପରିପତ୍ର ସଂଖ୍ୟା : ୨୭୪/ସ୍ଥା:ଭି ତାରିଖ: ୨୬-୦୨-୨୦୨୬

ବ୍ୟାପକ ପ୍ରଚାର ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ/ ଉପ-ଜିଲ୍ଲାପାଳ, ଭଦ୍ରକ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ (BDO), ଧାମନଗର/ ତହସିଲଦାର, ଧାମନଗର/ ନିର୍ବାହୀ ଅଧିକାରୀ, ଧୂଷୁରୀ NAC ର ବିଜ୍ଞପ୍ତି ଫଳକ ନିମନ୍ତେ ନକଲ ପ୍ରେରିତ କରାଗଲା ।

ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ଭଦ୍ରକ

ପରିପତ୍ର ସଂଖ୍ୟା : ୨୭୫/ସ୍ଥା:ଭି ତାରିଖ: ୨୬-୦୨-୨୦୨୬

ଏହି ବିଜ୍ଞପ୍ତିକୁ ଜିଲ୍ଲା ୱେବସାଇଟରେ ଅପଲୋଡ୍ କରିବା ପାଇଁ ଅନୁରୋଧ ସହ ସୂଚନା ନିମନ୍ତେ DIO (ଜିଲ୍ଲା ସୂଚନା ଅଧିକାରୀ), NIC/ DeGM ଭଦ୍ରକଙ୍କୁ ନକଲ ପ୍ରେରିତ କରାଗଲା ।

ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ଭଦ୍ରକ

ପରିପତ୍ର ସଂଖ୍ୟା : ୨୭୬/ସ୍ଥା:ଭି ତାରିଖ: ୨୬-୦୨-୨୦୨୬

ସଦୟ ଅବଗତି ନିମନ୍ତେ ସଚିବ, ରାଜ୍ୟ ନିର୍ବାଚନ କମିଶନ, ଓଡ଼ିଶା, ଭୁବନେଶ୍ୱର / ନିର୍ଦ୍ଦେଶକ, ପୌର ପ୍ରଶାସନ, ନଗର ଉନ୍ନୟନ ବିଭାଗ, ଓଡ଼ିଶା, ଭୁବନେଶ୍ୱରଙ୍କୁ ନକଲ ପ୍ରେରିତ କରାଗଲା ।

ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ଭଦ୍ରକ

ପରିପତ୍ର ସଂଖ୍ୟା : ୨୭୮/ସ୍ଥା:ଭି ତାରିଖ: ୨୬-୦୨-୨୦୨୬

ସୂଚନା ନିମନ୍ତେ ଧୂଷୁରୀ ଗ୍ରାମ ପଞ୍ଚାୟତ/ ବାମକୁରା ଗ୍ରାମ ପଞ୍ଚାୟତ/ କୋଠାର ଗ୍ରାମ ପଞ୍ଚାୟତ/ ନଦୀଗାଁ ଗ୍ରାମ ପଞ୍ଚାୟତର ସରପଞ୍ଚମାନଙ୍କୁ ନକଲ ପ୍ରେରିତ କରାଗଲା ।

ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ଭଦ୍ରକ